# Cargo support for waterways sought

EXPRESS NEWS SERVICE
@ Bhubaneswar

THE Inland Waterways Authority of India (IWAI) on Thursday sought cargo commitment from the stakeholders in order to expedite works for development of 588-km National Waterways-5 (NW-5) that would connect coal belt of Talcher with Dhamra and Paradip ports.

Notified in 2008, the dredging work on the NW-5, which was started in 2015, have been stopped due to a contract litigation. The waterways consist of Brahmani, Kharsua, Kani, Dhamra and Matei rivers besides Mahanadi delta region and east coast canal.

The NW-5 that passes through Odisha and West Bengal has been planned in phases. At present, the development of river stretch of 333 km consisting of Brahmani, Kharsua and Delta River Systems of Mahanadi has been taken up in two phases.

While the Phase-I will connect Pankopal with Dhamra and Paradip, there will be a link between Pankopal and Talcher in Phase-II.

At a stakeholders' conference on 'Development of National Waterways 5' here on Thursday, Member (technical) of IWAI SK Gangwar said the Phase-I works of the waterways, which would promote economical, efficient and eco-friendly mode of transport in the region, are expected to be completed by 2020-21.

"The works include fairway development upto Pankopal, construction of weir/barrages with navigation locks, construction of multi-model terminal at Pankopal through special purpose vehicle formed between the State Government, Paradip Port Trust and Dhamra Port Company Limited," Gangwar said.

**Phase-I works of the waterways, which would promote economical, efficient and eco-friendly mode of transport in the region, are expected to be completed by 2020-21**

SK Gangwar, Member (technical) of IWAI

State Transport and Commerce Secretary Sanjay Rastogi said since waterways are cheapest mode of transportation, the IWAI needs to expedite the works to make the NW-5 ready for handling of bulk cargo. Once completed, it can handle nearly 11 million tonnes of cargo annually and the capacity can be increased up to 23 million tonnes, he said.

In the first phase, while dredging of nearly 36 km was taken up, only 30 per cent work has been completed so far.

Of the 106 new national waterways declared by the Centre in April last year, five waterways fall in Odisha. IDCO CMD Sanjay Singh and Chief Engineer of IWAI SVK Reddy also spoke.

- The Samaj -

ଶୁକ୍ରବାର, ୧ ସେପ୍ଟେମ୍ବର, ୨୦୧୭

## ଜାତୀୟ ଜଳପଥ-୫ ବିକାଶ ସମ୍ମିଳନୀ

# ୨୦୨୧ରୁ କାର୍ଯ୍ୟକ୍ଷମ

ଭୁବନେଶ୍ୱର,୩୧।୮(ନି.ପ୍ର): ଓଡ଼ିଶାର ପରିବହନ ବ୍ୟବସ୍ଥାକୁ ସୁଦୃଢ଼ୀକରଣ କରି ଏଠାରୁ ଉତ୍ପାଦିତ ଦ୍ରବ୍ୟକୁ କିଭଳି ବିଶ୍ୱବଜାରରେ ପହଞ୍ଚାଯାଇପାରିବ ଓ ଅଧିକ ବୈଦେଶିକ ପୁଞ୍ଜି ମିଳିପାରିବ ସେନେଇ ଭାରତ ସରକାରଙ୍କ ଭୂମି ଜଳମାର୍ଗ ପ୍ରାଧିକରଣ ପକ୍ଷରୁ ଜାତୀୟ ଜଳପଥ-୫ର ପରିକଳ୍ପନା କରାଯାଇଛି। ୨୦୨୧ ସୁଦ୍ଧା ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟଶେଷ ହେବାକୁ ରହିଥିବାବେଳେ ଓଡ଼ିଶାବାସୀ ଜଳପଥ ଦେଇ ଗମନାଗମନ କରିପାରିବେ। ଏହାଦ୍ୱାରା ରାଜ୍ୟରେ ଯାତ୍ରାରେ ବହୁ ଉନ୍ନତି ଘଟିବା ସହିତ

**▶▶ ପ୍ରଥମ ପର୍ଯ୍ୟାୟରେ ୨୦୧ କିମି ଯୋଜନା**

**▶▶ ଖର୍ଚ୍ଚ ହେବ ୧୦ ହଜାର କୋଟି**

ସ୍ଥାନୀୟ ଲୋକଙ୍କ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହୋଇପାରିବ ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ ରସ୍ତୋଗୀ କହିଛନ୍ତି।

ଗୁରୁବାର ଏଠାରେ ଭାରତ ସରକାରଙ୍କ ଭୂମି ଜଳମାର୍ଗ ପ୍ରାଧୀକରଣ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନୁଷ୍ଠିତ ଜାତୀୟ ଜଳପଥ-୫ର ବିକାଶ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ରସ୍ତୋଗୀ କହିଥିଲେ ଯେ ପ୍ରଥମ ପର୍ଯ୍ୟାୟରେ ପାରାଦ୍ୱୀପଠାରୁ ପଙ୍କପାଳ ପର୍ଯ୍ୟନ୍ତ ହେବାକୁ ଥିବା ୨୦୧ କିମି ଜଳପଥ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ। ଜମି ଅଧିଗ୍ରହଣଠାରୁ ଆରମ୍ଭକରି ଏହାଦ୍ୱାରା ପ୍ରଭାବିତ ହେବାକୁ ଥିବା ଲୋକଙ୍କ ଜୀବନଜୀବିକାକୁ ଗୁରୁତ୍ୱ ଦିଆଯିବ। ବ୍ରାହ୍ମଣୀ, ଖରସୁଆ, ତନ୍ତୀଘାଇ, କଣି, ଧାମରା ଓ ମହାନଦୀ ଦେଇ ହେବାକୁ ଥିବା ୫୮୮ କି.ମି ଜାତୀୟ ଜଳପଥ ଦ୍ୱାରା ସ୍ଥାନୀୟ ଅଧିବାସୀ ବିଶେଷ ଉପକୃତ ହେବେ। ମନ୍ତ୍ରାଳୟର ବୈଷୟିକ ସଭ୍ୟ ଏସ୍.କେ ଗଙ୍ଗୱାରଙ୍କ ସୂଚନାନୁଯାୟୀ ଦୁଇଟି ପର୍ଯ୍ୟାୟରେ ୩୩୨ କିମି ଜଳପଥ ନିର୍ମାଣ ହେବ। ପ୍ରଥମେ ପାରାଦ୍ୱୀପରୁ ଧାମରା ଦେଇ ପଙ୍କନାଳ ପର୍ଯ୍ୟନ୍ତ ୨୦୧ କିମି ଜାତୀୟ ଜଳପଥ ନିର୍ମାଣ ହେବାକୁ ରହିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ତାଳଚେରରୁ ପଙ୍କପାଳ ପର୍ଯ୍ୟନ୍ତ ୨୩୧ କିମି ନିର୍ମାଣ ହେବ। ପ୍ରଥମ ପର୍ଯ୍ୟାୟରେ ୧୦ହଜାର କୋଟି ଖର୍ଚ୍ଚ ହେବ। ସେପ୍ଟେମ୍ବରରେ ଟେଣ୍ଡର ହେବ। ଏହି ଜାତୀୟ ଜଳପଥ ନିର୍ମାଣ ପାଇଁ ବନ୍ୟା ପ୍ରାଣୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ସହିତ ସିଆରଜେଡର ଅନୁମତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୨୦୨୧ରୁ ଜାତୀୟ ଜଳପଥ କାର୍ଯ୍ୟକ୍ଷମ ହେବ। ସ୍ଥାନୀୟ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଥଇଥାନ, ବିସ୍ଥାପନ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ଶ୍ରୀ ଗଙ୍ଗୱାର କହିଛନ୍ତି। କାର୍ଯ୍ୟକ୍ରମରେ ଇଡ୍‌କୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସିଂହ କହିଥିଲେ ଯେ ପାରାଦ୍ୱୀପଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୩୦ହଜାର ଏକର ଜମି ଅଧିଗ୍ରହଣ କରାଯାଇଛି। ଏଥିରୁ ୧୫ ହଜାର ଏକର ଶିଳ୍ପ ପାଇଁ ସଂରକ୍ଷିତ ରହିଥିବା ଅବଶିଷ୍ଟ ଜମି ଭିତ୍ତିଭୂମି, ରାସ୍ତା ଓ ଅନ୍ୟାନ୍ୟ କାର୍ଯ୍ୟରେ ଲାଗିବ। କାର୍ଯ୍ୟକ୍ରମରେ ଆଇଡବ୍ଲୁଏଆଇର ମୁଖ୍ୟ ଯନ୍ତ୍ରୀ ଏସ୍.ଭି. କେ. ରେଡ୍ଡୀ ଯୋଗଦେଇ ପ୍ରକଳ୍ପର ନିର୍ମାଣ ସମ୍ପର୍କରେ ଅବଗତ କରାଇଥିଲେ।

